1952
ଡିସେମ୍ବର 2

**ବିଶ୍ୱାମିତ୍ର ପ୍ରେସ୍ କାର୍ଯ୍ୟାଳୟ**

**ବନାମ**

**ବିଶ୍ୱାମିତ୍ର ପ୍ରେସ୍ ର  କର୍ମୀମାନେ**

**ଉତ୍ତର ପ୍ରଦେଶ ରାଜ୍ୟ - ମଧ୍ୟକ୍ଷେପକ**

**[ମେହେର୍ ଚାନ୍ଦ୍ ମହାଜନ୍, ଦାସ୍ ଏବଂ ଭଗବତୀ ନ୍ୟାୟମୂର୍ତ୍ତିବୃନ୍ଦ]**

*ୟୁ. ପି. ଶିଳ୍ପ ବିବାଦ ଅଧିନିୟମ, 1947, ଧାରା 3, 4 - ୟୁ. ପି. ସାଧାରଣ ଖଣ୍ଡ ଅଧିନିୟମ, 1904, ଧାରା 10 - ଶିଳ୍ପ ନ୍ୟାୟାଧିକରଣ, ଏକ "ନ୍ୟାୟାଳୟ" ଅଟେ କି ନାହିଁ - ଅଧିନିର୍ଣ୍ଣୟ ଦେବା ପାଇଁ ନିର୍ଦ୍ଧାରିତ ଅବଧି ଛୁଟିଦିନରେ ସମାପ୍ତ ହୋଇଛି - ପରବର୍ତ୍ତୀ କାର୍ଯ୍ୟଦିବସରେ ଅଧିନିର୍ଣ୍ଣୟ ଘୋଷଣା ହୋଇଛି - ଅଧିନିର୍ଣ୍ଣୟର ବୈଧତା* ।

ୟୁ. ପି. ଶିଳ୍ପ ବିବାଦ ଅଧିନିୟମ, 1947 ଅନୁଯାୟୀ ଏକ ଅଧିନିର୍ଣ୍ଣୟ ପ୍ରଦାନ ପାଇଁ ନିର୍ଦ୍ଧାରିତ ଅବଧି 1951 ମସିହା ଜୁନ୍ 9 ତାରିଖରେ ସମାପ୍ତ ହୋଇଥିଲା । ସରକାର ଏହି ଅବଧିକୁ 1951 ମସିହା ଜୁନ୍ 30 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ଜୁନ୍ 30 ତାରିଖ ଏକ ସାର୍ବଜନୀନ ଛୁଟିଦିନ ଥିଲା ଏବଂ ଜୁଲାଇ 1 ତାରିଖ ରବିବାର ଥିଲା ଏବଂ ଶିଳ୍ପ ନ୍ୟାୟାଧିକରଣ ଜୁଲାଇ 2 ତାରିଖରେ ଏହାର ଅଧିନିର୍ଣ୍ଣୟ ଘୋଷଣା କରିଥିଲେ:

ଏହା ବିଚାର କରାଯାଇଥିଲା ଯେ ୟୁ. ପି. ଶିଳ୍ପ ବିବାଦ ଅଧିନିୟମ, 1947 ଅନୁଯାୟୀ ଏକ ଶିଳ୍ପ ନ୍ୟାୟାଧିକରଣ, ଯାହାଙ୍କୁ ଏକ ବିବାଦ ବିଚାରାର୍ଥେ ପ୍ରେରଣ ହୋଇଛି, ତାହା ୟୁ. ପି. ସାଧାରଣ ଖଣ୍ଡ ଅଧିନିୟମ, 1904 ର ଧାରା 10 ର ଅର୍ଥ ମଧ୍ୟରେ ଏକ "ନ୍ୟାୟାଳୟ" ଅଟନ୍ତି, ଏବଂ ଜୁନ୍ 30 ଏବଂ ଜୁଲାଇ 1 ଛୁଟି ଦିନ ହୋଇଥିବାରୁ, ଜୁଲାଇ 2 ରେ ଘୋଷିତ ଅଧିନିର୍ଣ୍ଣୟ ଏହି ଆଧାରରେ ଅବୈଧ ନଥିଲା ଯେ ଏହା ନିର୍ଦ୍ଧାରିତ ଅବଧି ମଧ୍ୟରେ ଘୋଷିତ ହୋଇନଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 65/1952 । ଆବେଦନ ସଂଖ୍ୟା Cal. 280/1951 ରେ କଲିକତାସ୍ଥିତ ଭାରତୀୟ ଶ୍ରମ ଅପିଲୀୟ ନ୍ୟାୟାଧିକରଣଙ୍କ ଦ୍ୱାରା 1951 ମସିହା ନଭେମ୍ବର 17 ତାରିଖରେ କରାଯାଇଥିବା ଏକ ଅଧିନିର୍ଣ୍ଣୟରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ *କେ. ପି. ଖୈତାନ* (ତାଙ୍କ ସହିତ *ହରନାମ ଦାସ୍*) ।

ଉତ୍ତରଦାତାମାନଙ୍କ ତରଫରୁ *କେ. ବି. ଅସ୍ଥାନା* ।

ମଧ୍ୟକ୍ଷେପକଙ୍କ ତରଫରୁ *ଗୋପାଳଜୀ ମେହରୋତ୍ରା* ।

1952
ବିଶ୍ୱାମିତ୍ର ପ୍ରେସ୍ କାର୍ଯ୍ୟାଳୟ
ବନାମ
ବିଶ୍ୱାମିତ୍ର ପ୍ରେସ୍ ର କର୍ମୀମାନେ
ନ୍ୟାୟମୂର୍ତ୍ତି ଭଗବତୀ

1952. ଡିସେମ୍ବର 2. ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ଭଗବତୀ - କେତେକ ସଂଶୋଧନ ସହିତ ଉତ୍ତର ପ୍ରଦେଶର ରାଜ୍ୟ ଶିଳ୍ପ ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟକୁ ସମର୍ଥନ କରି କଲିକତାସ୍ଥିତ ଭାରତୀୟ ଶ୍ରମ ଅପିଲୀୟ ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ନିର୍ଣ୍ଣୟ ବିରୁଦ୍ଧରେ ବିଶେଷ ଅନୁମତି ଦ୍ୱାରା ଏହା ଏକ ଆବେଦନ ।

ଆବେଦନକାରୀ, ବିଶ୍ୱାମିତ୍ର ପ୍ରେସ୍ କାର୍ଯ୍ୟାଳୟ, କାନପୁର ଏବଂ ଉତ୍ତରଦାତା, ବିଶ୍ୱାମିତ୍ର ପ୍ରେସ୍ ର କର୍ମୀମାନେ, ଯେଉଁମାନେ କାନପୁର ସମାଚାର ପତ୍ର କର୍ମଚାରୀ ସଂଘ, କାନପୁର ଦ୍ୱାରା ପ୍ରତିନିଧିତ୍ୱ ହୋଇଛନ୍ତି, ମଧ୍ୟରେ ଏକ ଶିଳ୍ପ ବିବାଦ ସୃଷ୍ଟି ହୋଇଥିଲା, ଯେଉଁଥିରେ କେତେକ କର୍ମୀମାନଙ୍କୁ ଛଟେଇର ଆଢୁଆଳରେ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା । ସେହି ଶିଳ୍ପ ବିବାଦକୁ 1951 ମସିହା ଏପ୍ରିଲ 24 ତାରିଖରେ ଏକ ଅଧିସୂଚନା ଦ୍ୱାରା ଶିଳ୍ପ ନ୍ୟାୟାଧିକରଣଙ୍କୁ ପଠାଯାଇଥିଲା । ଏହି ଅଧିନିର୍ଣ୍ଣୟ ପ୍ରଦାନ କରିବାର ଅବଧି 1951 ମସିହା ଜୁନ୍ 9 ତାରିଖରେ ଶେଷ ହୋଇଥିଲା ଏବଂ 1951 ମସିହା ଜୁନ୍ 9 ତାରିଖରେ ଆଉ ଏକ ଅଧିସୂଚନା ଜାରି କରାଯାଇ ଏହି ଅଧିନିର୍ଣ୍ଣୟ ପ୍ରଦାନ କରିବାର ଅବଧିକୁ 1951 ମସିହା ଜୁନ୍ 30 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । 1951 ମସିହା ଜୁନ୍ 30 ତାରିଖ ଏକ ସାର୍ବଜନୀନ ଛୁଟିଦିନ ଥିଲା ଏବଂ ଜୁଲାଇ 1 ତାରିଖ ରବିବାର ଥିଲା । ଶିଳ୍ପ ନ୍ୟାୟାଧିକରଣ 1951 ମସିହା ଜୁଲାଇ 2 ତାରିଖରେ ଏହାର ଅଧିନିର୍ଣ୍ଣୟ ପ୍ରଦାନ କରିଥିଲେ ଏବଂ ସେହି ଦିନ ପ୍ରକାଶ୍ୟ ନ୍ୟାୟାଳୟରେ ଏହାକୁ ଘୋଷଣା କରିଥିଲେ । ତେବେ ଉତ୍ତର ପ୍ରଦେଶ ସରକାର ଭାବିଲେ ଯେ ଏହି ଅଧିନିର୍ଣ୍ଣୟଟି ଅବଧି ବାହାରେ ହୋଇଥିଲା ଏବଂ ଅବୈଧ ଥିଲା ଏବଂ 1951 ମସିହା ଜୁଲାଇ 18 ତାରିଖରେ ଏକ ଅଧିସୂଚନା ଜାରି କରାଯାଇଥିଲା ଯାହା ଏହି ଅବଧିକୁ 1951 ମସିହା ଜୁଲାଇ 3 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା । ଆବେଦନକାରୀ ଏହି ଅଧିନିର୍ଣ୍ଣୟକୁ ଶ୍ରମ ଅପିଲୀୟ ନ୍ୟାୟାଧିକରଣଙ୍କ ସମ୍ମୁଖରେ ଆପତ୍ତି କରିଥିଲେ । ଶ୍ରମ ଅପିଲୀୟ ନ୍ୟାୟାଧିକରଣ ଆବେଦନକାରୀଙ୍କ ଯୁକ୍ତିଗୁଡ଼ିକୁ ଅସ୍ୱୀକାର କରିଥିଲେ । ଆବେଦନକାରୀ ବିଶେଷ ଅନୁମତି ପାଇଁ ଆବେଦନ କରିଥିଲେ ଯାହା ଏହି ନ୍ୟାୟାଳୟଙ୍କ ଦ୍ୱାରା 1951 ମସିହା ଡିସେମ୍ବର 21 ତାରିଖରେ ମଞ୍ଜୁର କରାଯାଇଥିଲା, ଯାହା ନିମ୍ନଲିଖିତ ଆଧାରରେ ସୀମିତ ଥିଲା:

*1952*

*ବିଶ୍ୱାମିତ୍ର ପ୍ରେସ୍ କାର୍ଯ୍ୟାଳୟ*
*ବନାମ*
*ବିଶ୍ୱାମିତ୍ର ପ୍ରେସ୍ ର କର୍ମୀମାନେ*

*ନ୍ୟାୟମୂର୍ତ୍ତି ଭଗବତୀ*

"(1) ମୂଳତଃ ନିର୍ଦ୍ଧାରିତ ଅବଧି ଶେଷ ହେବା ପରେ ଅଧିନିର୍ଣ୍ଣୟ ପ୍ରଦାନ କରିବାର ଅବଧିକୁ ବୃଦ୍ଧି କରିବାର କ୍ଷମତା ସରକାରଙ୍କ ପାଖରେ ନଥିଲା, ଏବଂ ସେହି ଅବଧି ପରେ ବିଚାରକଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟ ବେଆଇନ, *କ୍ଷମତାତୀତ*, ନିଷ୍କ୍ରିୟ ଏବଂ ଅବୈଧ ଅଟେ ।

(2) ଯାହା ବି ହେଉ, ରାଜ୍ୟ ସରକାର ଏହି ଅଧିନିର୍ଣ୍ଣୟ ପ୍ରଦାନ କରିବାର ଅବଧିକୁ 1951 ମସିହା ଜୁନ୍ 30 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ ଏବଂ ସେହି ତାରିଖ ପରେ ଦିଆଯାଇଥିବା ବିଚାରକଙ୍କ ଅଧିନିର୍ଣ୍ଣୟ ଅବୈଧ ଅଟେ ।

(3) 1951 ମସିହା ଜୁଲାଇ 21 ତାରିଖରେ ସରକାରଙ୍କ ଦ୍ୱାରା ଅବଧି ବୃଦ୍ଧି, ପୂର୍ବରୁ ବର୍ଦ୍ଧିତ ଅବଧି ସମାପ୍ତ ହେବା ପରେ ମଧ, *କ୍ଷମତାତୀତ* ଥିଲା, ଏବଂ ଏହା ଏକ ଅବୈଧ ଅଧିନିର୍ଣ୍ଣୟକୁ ବୈଧ ଅଧିନିର୍ଣ୍ଣୟରେ ପରିଣତ କରିପାରିବ ନାହିଁ ।

ଆବେଦନକାରୀ ଏବଂ ଉତ୍ତରଦାତାଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଶିଳ୍ପ ବିବାଦକୁ ଉତ୍ତର ପ୍ରଦେଶ ଶିଳ୍ପ ବିବାଦ ଅଧିନିୟମ, 1947 ର ଧାରା 3 ଏବଂ 4 ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ଉତ୍ତର ପ୍ରଦେଶ ସରକାର ଶିଳ୍ପ ନ୍ୟାୟାଧିକରଣଙ୍କୁ ଏକ ବିଚାରାର୍ଥେ ପ୍ରେରଣ କରିଥିଲେ । ଉତ୍ତର ପ୍ରଦେଶ ସରକାର, ଅଧିନିୟମର ଧାରା 3 (d) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି, ଶିଳ୍ପ ନ୍ୟାୟାଧିକରଣଙ୍କୁ ବିଚାରାର୍ଥେ ପ୍ରେରଣ କରିଥିବା ଶିଳ୍ପ ବିବାଦଗୁଡ଼ିକର ବିଚାର ପାଇଁ *ଅନ୍ୟାନ୍ୟ ବିଷୟ ମଧ୍ୟରେ* ଏକ ଆଦେଶ ଜାରି କରିଥିଲେ । ସେହି ଆଦେଶର ଅନୁଚ୍ଛେଦ 16 ନିମ୍ନରେ ଦିଆଗଲା:-

"ଯେଉଁ ତାରିଖରେ ରାଜ୍ୟ ସରକାର ବିଚାରାର୍ଥେ ପ୍ରେରଣ କରିବେ ସେହି ତାରିଖ ଠାରୁ 40 ଦିନ ମଧ୍ୟରେ (ଉଚ୍ଚ ନ୍ୟାୟାଳୟଙ୍କ ଅଧୀନସ୍ଥ ନ୍ୟାୟାଳୟଗୁଡ଼ିକ ଦ୍ୱାରା ପାଳନ କରାଯାଇଥିବା ଛୁଟିଦିନଗୁଡ଼ିକୁ ବାଦ୍ ଦେଇ) ନ୍ୟାୟାଧିକରଣ କିମ୍ବା ବିଚାରକ ବିବାଦର ଶୁଣାଣି କରିବେ ଏବଂ ତାଙ୍କର ଅଧିନିର୍ଣ୍ଣୟ ଶୁଣାଇବେ ଏବଂ ଏହାପରେ ଯଥାଶୀଘ୍ର ସମ୍ଭବ ବିବାଦର ପକ୍ଷମାନଙ୍କୁ ଏବଂ ରାଜ୍ୟ ସରକାରଙ୍କ ଲିଖିତ ନିର୍ଦ୍ଦେଶ ଦ୍ୱାରା ଅନ୍ୟ ବ୍ୟକ୍ତିମାନଙ୍କୁ କିମ୍ବା ସଂସ୍ଥାଗୁଡ଼ିକୁ ଏହାର ଏକ ନକଲ ପ୍ରଦାନ କରିବେ ।

ଉଲ୍ଲେଖଥାଉକି, ରାଜ୍ୟ ସରକାର ଉକ୍ତ ଅବଧିକୁ ସମୟ ସମୟରେ ବୃଦ୍ଧି କରିପାରିବେ" ।

ଅନୁଚ୍ଛେଦ 9 ଯାହାକି ନ୍ୟାୟାଧିକରଣଙ୍କ କ୍ଷମତା ଏବଂ କାର୍ଯ୍ୟ ନିର୍ଦ୍ଧାରଣ କରିଥିଲା ତାହା *ଅନ୍ୟାନ୍ୟ ବିଷୟ ମଧ୍ୟରେ* କହିଥିଲା:-

"(9). ନିର୍ଣ୍ଣୟ ଲିଖିତ ଭାବରେ ହେବ, ଏବଂ ପ୍ରକାଶ୍ୟ ନ୍ୟାୟାଳୟରେ ଘୋଷଣା କରାଯିବ ଏବଂ ଘୋଷଣା କରିବା ସମୟରେ ନ୍ୟାୟାଧିକରଣଙ୍କ ସଦସ୍ୟ କିମ୍ବା ସଦସ୍ୟମାନଙ୍କ ଦ୍ୱାରା, ଯଥାସ୍ଥିତି, ତାରିଖ ପକାଯିବ ଏବଂ ସ୍ୱାକ୍ଷରିତ ହେବ" ।

ଆମ୍ଭ ସମ୍ମୁଖରେ ଏହା ବିବାଦୀୟ ନଥିଲା ଯେ ଉପରୋକ୍ତ ଅନୁଚ୍ଛେଦ 16 ଅନୁଯାୟୀ ଗଣନା କରାଯାଇଥିବା ମୂଳ ଅବଧି 1951 ମସିହା ଜୁନ୍ 9 ତାରିଖରେ ସମାପ୍ତ ହୋଇଥିଲା ଏବଂ ଉତ୍ତର ପ୍ରଦେଶ ସରକାର ବୈଧ ଭାବରେ ଏହି ଅବଧିକୁ 1951 ମସିହା ଜୁନ୍ 30 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ତେବେ ଏହା ଯୁକ୍ତି କରାଯାଇଥିଲା ଯେ ଶିଳ୍ପ ନ୍ୟାୟାଧିକରଣ ଏହାର ଅଧିନିର୍ଣ୍ଣୟ 1951 ମସିହା ଜୁନ୍ 30 ତାରିଖରେ ଦେବା ଉଚିତ୍ ଥିଲା, ଏବଂ 1951 ମସିହା ଜୁଲାଇ 2 ତାରିଖରେ ନୁହେଁ, ଯେପରି ଏହା କରିବାକୁ ଚାହୁଁଥିଲା । ଏହା ଅନୁରୋଧ କରାଯାଇଥିଲା ଯେ ଉପରୋକ୍ତ ଅନୁଚ୍ଛେଦ 16 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ଅଧୀନସ୍ଥ ନ୍ୟାୟାଳୟଗୁଡ଼ିକ ଦ୍ୱାରା ପାଳନ କରାଯାଉଥିବା ଛୁଟିଦିନଗୁଡ଼ିକୁ ବାଦ୍ ଦେବା ବ୍ୟବସ୍ଥାଟି ସେତେବେଳେ ଲାଗୁ ହୋଇନଥିଲା ଯେତେବେଳେ ଅବଧିକୁ ଏକ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଏହା କେବଳ ସେତେବେଳେ ଲାଗୁ ହୋଇଥାନ୍ତା ଯେତେବେଳେ ଏହି ଅବଧିକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ ପାଇଁ ବୃଦ୍ଧି କରାଯାଏ, ଯେତେବେଳେ ସେହି ଦିନଗୁଡ଼ିକର ଗଣନା ଉଦ୍ଦେଶ୍ୟରେ ଛୁଟିଦିନଗୁଡ଼ିକୁ ସେଥିରେ ଉଲ୍ଲେଖ କରାଯାଇଥିବା ପଦ୍ଧତିରେ ବାଦ୍ ଦେବାକୁ ପଡ଼ିବ । ଉତ୍ତର ପ୍ରଦେଶ ସରକାର ଏହି ଅବଧିକୁ 1951 ମସିହା ଜୁନ୍ 30 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିବାରୁ ଏହା କୁହାଯାଇଥିଲା ଯେ ଏହି ଅଧିନିର୍ଣ୍ଣୟ 1951 ମସିହା ଜୁନ୍ 30 ତାରିଖ ସୁଦ୍ଧା ପ୍ରଦାନ କରିଦେବା ଉଚିତ୍ ଥିଲା, ଏବଂ ଏହା ପରେ ନୁହେଁ ଏବଂ ତେଣୁ 1951 ମସିହା ଜୁଲାଇ 2 ତାରିଖରେ ପ୍ରଦାନ କରାଯାଇଥିବାରୁ ଏହା ଅବଧି ବାହାରେ ଥିଲା ଏବଂ ଅବୈଧ ଥିଲା ।

ଏହି ତର୍କଟି ହୁଏତ ସଫଳ ହୋଇଥାନ୍ତା ଯଦି ୟୁ. ପି. ସାଧାରଣ ଖଣ୍ଡ ଅଧିନିୟମ, 1904 ର ଧାରା 10 ର ବ୍ୟବସ୍ଥାଗୁଡ଼ିକ ନଥାନ୍ତା । ସେହି ଧାରା କହିଅଛି:-

"ଯଦି କୌଣସି ସଂଯୁକ୍ତ ପ୍ରଦେଶ ଅଧିନିୟମ ଦ୍ୱାରା, କୌଣସି କାର୍ଯ୍ୟ କିମ୍ବା କାର୍ଯ୍ୟାନୁଷ୍ଠାନ ଏକ ନିର୍ଦ୍ଦିଷ୍ଟ ଦିନରେ କିମ୍ବା ଏକ ନିର୍ଦ୍ଧାରିତ ଅବଧି ମଧ୍ୟରେ କୌଣସି ନ୍ୟାୟାଳୟ କିମ୍ବା କାର୍ଯ୍ୟାଳୟରେ କରିବାକୁ କିମ୍ବା ନେବାକୁ ନିର୍ଦ୍ଦେଶ କିମ୍ବା ଅନୁମତି ଦିଆଯାଏ, ତେବେ, ଯଦି ସେହି ଦିନ କିମ୍ବା ନିର୍ଦ୍ଧାରିତ ଅବଧିର ଶେଷ ଦିନରେ ନ୍ୟାୟାଳୟ କିମ୍ବା କାର୍ଯ୍ୟାଳୟ ବନ୍ଦ ଥାଏ, ତେବେ ସେହି କାର୍ଯ୍ୟ କିମ୍ବା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଧାରିତ ଅବଧିରେ କରାଯାଇଥିବା କିମ୍ବା ନିଆଯାଇଥିବା ବୋଲି

*1952*

*ବିଶ୍ୱାମିତ୍ର ପ୍ରେସ୍ କାର୍ଯ୍ୟାଳୟ ବନାମ ବିଶ୍ୱାମିତ୍ର ପ୍ରେସ୍ ର କର୍ମୀମାନେ*

*ନ୍ୟାୟମୂର୍ତ୍ତି ଭଗବତୀ*

ବିବେଚନା କରାଯିବ ଯଦି ଏହା ନ୍ୟାୟାଳୟ କିମ୍ବା କାର୍ଯ୍ୟାଳୟ ଖୋଲିବା ଦିନର ପରବର୍ତ୍ତୀ ଦିନରେ କରାଯାଏ କିମ୍ବା ନିଆଯାଏ" ।

ଶିଳ୍ପ ନ୍ୟାୟାଳୟ 1951 ମସିହା ଜୁନ୍ 30 ତାରିଖରେ ବନ୍ଦ ଥିଲା, ଯାହାକୁ ଏକ ସାର୍ବଜନୀନ ଛୁଟି ଘୋଷଣା କରାଯାଇଥିଲା । 1951 ମସିହା ଜୁଲାଇ 1 ତାରିଖ ରବିବାର ଥିଲା ଏବଂ ଶିଳ୍ପ ନ୍ୟାୟାଳୟ ଖୋଲିବା ଦିନର ପରବର୍ତ୍ତୀ ଦିନରେ, ଅର୍ଥାତ୍, 1951 ମସିହା ଜୁଲାଇ 2 ତାରିଖରେ ଶିଳ୍ପ ନ୍ୟାୟାଳୟ ତାଙ୍କର ନିର୍ଣ୍ଣୟ ଶୁଣାଇବା ପାଇଁ ସକ୍ଷମ ଥିଲେ । ତେଣୁ, *ପ୍ରଥମ ଦୃଷ୍ଟିଗତ ଭାବେ*, 1951 ମସିହା ଜୁଲାଇ 2 ତାରିଖରେ ଘୋଷିତ ହୋଇଥିବା ଏହି ଅଧିନିର୍ଣ୍ଣୟ ଠିକ୍ ଅବଧି ମଧ୍ୟରେ ପ୍ରଦାନ କରାଯାଇଥିଲା ।

ତେଣୁ ଆବେଦନକାରୀଙ୍କ ଓକିଲ ଶ୍ରୀ ଖୈତାନ ଆମ୍ଭ ସମ୍ମୁଖରେ କେବଳ ଗୋଟିଏ କଥା ନିବେଦନ କରିଥିଲେ ଯେ ଶିଳ୍ପ ନ୍ୟାୟାଳୟ, ୟୁ. ପି. ସାଧାରଣ ଖଣ୍ଡ ଅଧିନିୟମର ଧାରା 10 ର ଅର୍ଥ ମଧ୍ୟରେ ଏକ ନ୍ୟାୟାଳୟ ନଥିଲା । ତାଙ୍କ ଉପସ୍ଥାପନା ଅନୁଯାୟୀ, "ନ୍ୟାୟାଳୟ" ର ଅର୍ଥ କେବଳ ରାଜ୍ୟର ଦେୱାନୀ ନ୍ୟାୟାଳୟଗୁଡ଼ିକର ପଦାନୁକ୍ରମରେ ଏକ ନ୍ୟାୟାଳୟ ବୋଲି ବ୍ୟାଖ୍ୟା କରାଯାଇପାରିବ ଏବଂ ଏକ ଶିଳ୍ପ ନ୍ୟାୟାଳୟ ସେହି ବର୍ଗ ମଧ୍ୟରେ ଆସି ନଥିଲା । ଶ୍ରୀ ଖୈତାନଙ୍କ ଏହି ଯୁକ୍ତିକୁ ଆମ୍ଭେ ଗ୍ରହଣ କରିପାରିବୁ ନାହିଁ । ଉତ୍ତର ପ୍ରଦେଶ ଶିଳ୍ପ ବିବାଦ ଅଧିନିୟମ, 1947, ଉତ୍ତର ପ୍ରଦେଶ ରାଜ୍ୟର ଏକ ଅଧିନିୟମ ଥିଲା । ଅଧିନିୟମର ଧାରା 3 (ଘ) ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ୟୁ. ପି. ସରକାରଙ୍କ ଦ୍ୱାରା 1951 ମସିହା ମାର୍ଚ୍ଚ 15 ତାରିଖରେ ସାଧାରଣ ଆଦେଶ ଜାରି କରାଯାଇଥିଲା ଯେଉଁଥିରେ, *ଅନ୍ୟାନ୍ୟ ବିଷୟ ମଧ୍ୟରେ*, ଶିଳ୍ପ ବିବାଦର ବିଚାର ପାଇଁ ବିଚାରାର୍ଥେ ପ୍ରେରଣ ଏବଂ ଏହାର ବିଚାର କରିବାର ପଦ୍ଧତି ପ୍ରଦାନ କରାଯାଇଥିଲା । ସାଧାରଣ ଆଦେଶର ଅନୁଚ୍ଛେଦ ୨ (୨), ଶିଳ୍ପ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରକାଶ୍ୟ ନ୍ୟାୟାଳୟରେ ଘୋଷଣା କରାଯାଇଥିବା ନିର୍ଣ୍ଣୟର ବ୍ୟବସ୍ଥା ପ୍ରଦାନ କରିଥିଲା ଏବଂ ଆମ୍ଭେ ବୁଝି ପାରୁ ନାହୁଁ ଯେ ଶିଳ୍ପ ନ୍ୟାୟାଧିକରଣ, ୟୁ. ପି. ସାଧାରଣ ଖଣ୍ଡ ଅଧିନିୟମର ଧାରା 10 ର ଅର୍ଥ ମଧ୍ୟରେ ଏକ ନ୍ୟାୟାଳୟ ନୁହେଁ ବୋଲି କିପରି ଅନୁରୋଧ କରାଯାଇପାରିବ । ଯଦି ଶିଳ୍ପ ନ୍ୟାୟାଧିକରଣ ଏହିପରି ଭାବରେ ୟୁ. ପି. ସାଧାରଣ ଖଣ୍ଡ ଅଧିନିୟମର ଧାରା 10 ର ଅର୍ଥ ମଧ୍ୟରେ ଏକ ନ୍ୟାୟାଳୟ ଥିଲା, ତେବେ ନ୍ୟାୟାଳୟ 1951 ମସିହା ଜୁନ୍ 30 ତାରିଖରେ ଏବଂ 1951 ମସିହା ଜୁଲାଇ 1 ତାରିଖରେ ମଧ୍ୟ ବନ୍ଦ ଥିଲା ଏବଂ ଏହାର ପରଦିନ, ଯାହା ପରେ ଶିଳ୍ପ ନ୍ୟାୟାଳୟ ଖୋଲା ଥିଲା, ଅର୍ଥାତ୍ 1951 ମସିହା ଜୁଲାଇ 2 ତାରିଖରେ ଏହା ଦ୍ୱାରା ନିର୍ଣ୍ଣୟ ଘୋଷଣା

*1952*

***ବିଶ୍ୱାମିତ୍ର ପ୍ରେସ୍ କାର୍ଯ୍ୟାଳୟ ବନାମ ବିଶ୍ୱାମିତ୍ର ପ୍ରେସ୍ ର କର୍ମୀମାନେ***

*ନ୍ୟାୟମୂର୍ତ୍ତି ଭଗବତୀ*

କରାଯାଇପାରିଥିଲା । ତେଣୁ ଆମ୍ଭ ମତରେ, 1951 ମସିହା ଜୁଲାଇ 2 ତାରିଖରେ ଯେଉଁ ନିର୍ଣ୍ଣୟ ଘୋଷଣା କରାଯାଇଥିଲା, ତାହା ଠିକ୍ ଅବଧି ମଧ୍ୟରେ ଥିଲା ଏବଂ ବୈଧ ଥିଲା ଏବଂ ପକ୍ଷମାନଙ୍କ ପାଇଁ ବାଧ୍ୟତାମୂଳକ ଥିଲା ।

ଉପରୋକ୍ତ ନିର୍ଣ୍ଣୟ ଏହି ଆବେଦନ ପାଇଁ ନିର୍ଣ୍ଣାୟକ, ଏବଂ ତେଣୁ ଆବେଦନଟି ଖର୍ଚ୍ଚ ସହିତ ଖାରଜ ହୋଇଯିବ ।

ଆବେଦନକୁ ଖାରଜ କରାଗଲା ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: *ବି. ପି. ମାହେଶ୍ୱରୀ* ।

ଉତ୍ତରଦାତାମାନଙ୍କ ପାଇଁ ଏବଂ ମଧ୍ୟକ୍ଷେପକଙ୍କ ପାଇଁ ପ୍ରତିନିଧି: *ସି. ପି. ଲାଲ୍* ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।